# NATIONAL NEWS BULLETIN (ODIA)

**15 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଞ୍ଚରାଷ୍ଟ୍ରୀୟ ଗସ୍ତରେ ଯାଇ ୟୁଏଇରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ବହୁପକ୍ଷୀୟ ବ୍ୟବସ୍ଥାର ଲକ୍ଷ୍ୟଆଡକୁ ଅଗ୍ରସର ହେବା କ୍ଷେତ୍ରରେ ମିଳିତଭାବେ କାର୍ଯ୍ୟ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ କଲେ ବ୍ରିକ୍ସ ସଦସ୍ୟ ଦେଶ ।

- ନିଟ୍-ୟୁଜି ପ୍ରବେଶିକ ପରୀକ୍ଷା ଆସନ୍ତା ଜୁନ୍ ୨୧ ତାରିଖରେ ପୁନଃ ଅନୁଷ୍ଠିତ ହେବା ନେଇ ଘୋଷଣା କଲା ଏନ୍‌ଟିଏ ।

- ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୩ଟଙ୍କା ବୃଦ୍ଧି କଲେ ତୈଳ କମ୍ପାନୀ ।

ଏବଂ

- ଆଇପିଏଲ କ୍ରିକେଟରେ ଆଜି ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ହେବ ମ୍ୟାଚ୍ ।

---

## ପିଏମ୍ ଭିଜିଟ୍ ୟୁଏଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ୬ ଦିନିଆ ପଞ୍ଚରାଷ୍ଟ୍ରୀୟ ଗସ୍ତରେ ଯାଇ ପ୍ରଥମ ପର୍ଯ୍ୟାୟରେ ୟୁଏଇରେ ପହଞ୍ଚିଛନ୍ତି । ଶ୍ରୀ ମୋଦୀ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍

ନ୍ୟାହାନଙ୍କ ସହିତ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ବୈଠକରେ ଶକ୍ତି ସହଯୋଗ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ବିଷୟ ନେଇ ଆଲୋଚନା ହୋଇଥିବା ଜଣାପଡିଛି । ସମ୍ପ୍ରତି ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ଯୋଗୁଁ ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବା ପରିପ୍ରେକ୍ଷୀରେ ଉଭୟ ଭାରତ ଓ ୟୁଏଇ ତୈଳ ଏବଂ ଗ୍ୟାସ୍ ଯୋଗାଣ ବ୍ୟବସ୍ଥିତ କରିବା ଉପରେ ଆଲୋଚନା କରାଯିବ ବୋଲି ଜଣାପଡିଛି ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆଜି ନେଦରଲାଣ୍ଡ୍ସରେ ଗସ୍ତ କରିବେ । ସେଠାରେ ରାଜା ଓ୍ୱିଲେମ୍ ଆଲେକଜାଣ୍ଡର ଏବଂ ରାଣୀ ମାକ୍ସିମାଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ତୃତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ରବିବାର ଦିନ ସ୍ୱିଡେନ୍‌ର ଗୋଥେନ୍‌ବର୍ଗ ଗସ୍ତ କରିବେ। ତାଙ୍କର ସ୍ୱିଡେନ୍ ପ୍ରତିପକ୍ଷ ଉଲଫ୍ କ୍ରିଷ୍ଟରସନ୍‌ଙ୍କ ସହ ଆଲୋଚନା କରି ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗଗୁଡ଼ିକର ସେ ସମୀକ୍ଷା କରିବେ।

ଚତୁର୍ଥ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସୋମବାର ଦିନ ତୃତୀୟ ଭାରତ–ନୋର୍ଡିକ୍ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ଆଲୋଚନା ପାଇଁ ନରଓ୍ୱେରେ ପହଞ୍ଚିବେ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଦିନ ଇଟାଲୀ ଯିବାର କାର୍ଯ୍ୟସୂଚୀ ରହିଛି।

ଗତକାଲି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅସିମ୍ ମହାଜନ

କହିଛନ୍ତି, ୟୁ.ଏ.ଇ. ଏବଂ ଭାରତ ମଧ୍ୟରେ ଶକ୍ତି କ୍ଷେତ୍ର ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି । ଗତବର୍ଷ ୟୁ.ଏ.ଇ. ଭାରତ ପାଇଁ ଅଶୋଧିତ ତୈଳର ଚତୁର୍ଥ ବୃହତ ଉତ୍ସ ଥିଲା, ଯାହା ଭାରତର ୧୧ ପ୍ରତିଶତ ତୈଳ ଆବଶ୍ୟକତାକୁ ପୂରଣ କରିଥିଲା ।

## ଜୟଶଙ୍କର-ବ୍ରିକ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଭାରତ ବହୁପକ୍ଷୀୟ ବ୍ୟବସ୍ଥାର ଲକ୍ଷ୍ୟ ଆଡକୁ ଅଗ୍ରସର ହେବା କ୍ଷେତ୍ରରେ ସମସ୍ତ ସଦସ୍ୟ ଦେଶ ସହ ମିଳିତଭାବେ କାର୍ଯ୍ୟ କରିବା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛି । ନୂଆଦିଲ୍ଲୀରେ ଚାଲିଥିବା ବ୍ରିକ୍ସ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକର ଆଜି ଦ୍ୱିତୀୟ ଦିନର ଏକ ଅଧିବେଶନରେ ଯୋଗଦେଇ ଡକ୍ଟର ଜୟଶଙ୍କର କହିଛନ୍ତି ସମସ୍ତ ବୈଦେଶିକ ମନ୍ତ୍ରୀମାନେ ପରିବର୍ତ୍ତନଶୀଳ ବିଶ୍ୱରେ ବହୁପକ୍ଷୀୟ ସହଯୋଗକୁ ଦୃଢ଼ କରିବା ଲାଗି ମନସ୍ଥ କରିଛନ୍ତି । ସେ କହିଛନ୍ତି ଆନ୍ତର୍ଜାତିକ ଆର୍ଥିକ ସଂରଚନାରେ ସକରାତ୍ମକ ପରିବର୍ତ୍ତନ ଆଣିବା ଲାଗି ଏଭଳି ପଦକ୍ଷେପର ଆବଶ୍ୟକତା ରହିଛି । ବୈଦେଶିକ ମନ୍ତ୍ରୀ କହିଛନ୍ତି ଭାରତ କ୍ରମାଗତ ଭାବେ ବହୁପକ୍ଷୀୟ ବ୍ୟବସ୍ଥାରେ ପରିବର୍ତ୍ତନକୁ ସମର୍ଥନ କରିଆସିଛି । ସେ କହିଛନ୍ତି କେବଳ ବିଶ୍ୱସ୍ତରୀୟ ସମସ୍ୟାଗୁଡ଼ିକ ଆହ୍ୱାନ ପାଲଟିନାହିଁ ବରଂ ଆନ୍ତର୍ଜାତିକ ବ୍ୟବସ୍ଥାକୁ

ସମଭାବରେ ବିଚାର କରିବା ଲାଗି ଗଣତାନ୍ତ୍ରିକ ତଥା ପ୍ରତିନିଧିତ୍ୱ କରୁଥିବା ଅନ୍ୟାନ୍ୟ ବ୍ୟବସ୍ଥାଗୁଡ଼ିକ ପାଇଁ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଡକ୍ଟର ଜୟଶଙ୍କର ବହୁପକ୍ଷୀୟ ବ୍ୟବସ୍ଥାରେ ଅନ୍ୟ ଦେଶର ସାର୍ବଭୌମତ୍ୱ, ଆଞ୍ଚଳିକ ସ୍ୱାଧୀନତା, ଆନ୍ତର୍ଜାତିକ ନିୟମକୁ ସମ୍ମାନ ଦେବା ଭଳି କାର୍ଯ୍ୟକୁ ଅଗ୍ରାଧିକାର ଦେବାଲାଗି ଆହ୍ୱାନ ଦେଇଛନ୍ତି ।

## ଜୟଶଙ୍କର-ଇରାନ୍ ଏଫ୍‌ଏମ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗାଛିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜୟଶଙ୍କର କହିଛନ୍ତି ଉଭୟ ଦେଶ ପଶ୍ଚିମ ଏସିଆ ପରିସ୍ଥିତି ଏବଂ ଏହାର ପ୍ରଭାବ ସମ୍ପର୍କରେ ମତ ବିନିମୟ କରିଛନ୍ତି । ଏହାବ୍ୟତୀତ ଉଭୟ ଦେଶ ମଧ୍ୟରେ ସ୍ୱାର୍ଥଜଡ଼ିତ ଦ୍ୱିପକ୍ଷୀୟ ପ୍ରସଙ୍ଗ ଉପରେ ମତ ବିନିମୟ ହୋଇଛି । ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗଦେଇଥିବାରୁ ଡକ୍ଟର ଜୟଶଙ୍କର’ ଶ୍ରୀ ଆରାଗାଛିଙ୍କୁ ପ୍ରଶଂସା କରିଛନ୍ତି ।

## ଡବ୍ଲ୍ୟୁବି-ସ୍ପିକର

ନବଗଠିତ ପଶ୍ଚିମବଙ୍ଗ ବିଧାନସଭାର ବାଚସ୍ପତି ଭାବେ ରଥିନ୍ଦ୍ର ବସୁ ନିର୍ବିରୋଧରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ବସୁ ବିଜେପିର ପ୍ରାର୍ଥୀଭାବେ

କୁଚବିହାର ଦକ୍ଷିଣ ଆସନରୁ ନିର୍ବାଚିତ ହୋଇଛନ୍ତି । ବିଧାନସଭା ନିର୍ବାଚନରେ ପ୍ରଥମଥର ପାଇଁ ବହୁସଂଖ୍ୟକ ଭୋଟ୍‌ରେ ସେ ଜିତିଛନ୍ତି । ଆଜି ସକାଳେ କାମଚଳା ବାଚସ୍ପତି ତାପସ ରାୟଙ୍କ ନିରୀକ୍ଷଣରେ ବାଚସ୍ପତି ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଆନୁଷ୍ଠାନିକ ଭାବେ ଶ୍ରୀ ବସୁଙ୍କ ନାମ ପ୍ରସ୍ତାବ ଦେଇଥିଲେ । ବାଚନିକ ଭୋଟ୍‌ରେ ବିଧାନସଭାରେ ଶ୍ରୀ ବସୁଙ୍କୁ ସମର୍ଥନ ମିଳିଥିଲା ।

ବାଚସ୍ପତି ନିର୍ବାଚନ ସମୟରେ ତୃଣମୂଳ କଂଗ୍ରେସର ସଦସ୍ୟମାନେ ଗୃହ ପରିତ୍ୟାଗ କରିଥିଲେ । ପରେ ସେମାନେ ଗୃହକାର୍ଯ୍ୟରେ ଭାଗ ନେଇଥିଲେ । ନିର୍ବାଚିତ ହେବାପରେ ଶ୍ରୀ ବସୁଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀଦଳ ନେତା ବାଚସ୍ପତିଙ୍କ ଆସନ ନିକଟକୁ ପାଛୋଟି ନେଇଥିଲେ ।

# ନିଟ୍ ଏକ୍ସାମ ଡେଟ୍

ସଦ୍ୟସମାପ୍ତ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ରଦ୍ଦ ହେବା ପରେ ଆସନ୍ତା ଜୁନ୍ ୨୧ ତାରିଖରେ ପୁର୍ନବାର ଏହି ପରୀକ୍ଷା କରିବା ଲାଗି ସମୟଧାର୍ଯ୍ୟ କରାଯାଇଛି । ଚଳିତମାସ ୩ ତାରିଖରେ ହୋଇଥିବା ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ରଦ୍ଦ କରାଯାଇଛି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା-ସିବିଆଇ ଘଟଣାର ତଦନ୍ତ କରୁଛି । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ସାମାଜିକ ଗଣମାଧମରେ

ପରୀକ୍ଷାର୍ଥୀ ଏବଂ ଅଭିଭାବକମାନଙ୍କୁ କେବଳ ଏନ୍‌ଟିଏର ଅଫିସିଆଲ ଚ୍ୟାନେଲରେ ଦିଆଯାଉଥିବା ସୂଚନା ଉପରେ ବିଶ୍ୱାସ କରିବାକୁ କହିଛି ।

ଗତ ସଂଧ୍ୟାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ପରୀକ୍ଷା ଯେଭଳି ସଠିକ୍ ଭାବରେ ହୋଇପାରିବ ସେ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଶିକ୍ଷା ସଚିବ, ଏନ୍‌ଟିଏର ମହାନିର୍ଦ୍ଦେଶକ, ସିବିଏସ୍‌ଇର ଅଧ୍ୟକ୍ଷ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଓ ନବୋଦୟ ବିଦ୍ୟାଳୟ ସମିତିର କମିଶନରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ସରକାର ଛାତ୍ରଛାତ୍ରୀମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି ଏବଂ ଏହି ଘଟଣାରେ ସମ୍ବେଦନଶୀଳ ଅଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଆସନ୍ତା ମାସ ୨୧ରେ ହେବାକୁଥିବା ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ପାଇଁ ଜୁନ୍ ୧୪ ତାରିଖ ସୁଦ୍ଧା ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ । ଆସନ୍ତାବର୍ଷ ଠାରୁ ଏହି ପରୀକ୍ଷା ଓଏମ୍‌ଆର୍ ବଦଳରେ କମ୍ପ୍ୟୁଟର ଆଧାରିତ ହେବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

**V/O (Pradhan Sheet)**

# ପେଟ୍ରୋଲ-ଡିଜେଲ ମୂଲ୍ୟ ବଢ଼ିଲା

ବିଶ୍ୱ ଶକ୍ତି ସଙ୍କଟ ପରିସ୍ଥିତିରେ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ଫଳରେ ପେଟ୍ରୋଲ ମୂଲ୍ୟ ଲିଟରପିଛା ୯୪ ଟଙ୍କା ୭୭ ପଇସାରୁ ୯୭ ଟଙ୍କା ୭୭ ପଇସାକୁ ବୃଦ୍ଧି ପାଇଛି । ନୂଆଦିଲ୍ଲୀରେ ଡିଜେଲ ଲିଟର ପିଛା ୮୭ଟଙ୍କା ଶତଷଠି ପଇସାରୁ ୯୦ ଟଙ୍କା ଶତଷଠି ପଇସାକୁ ବୃଦ୍ଧି ପାଇଛି । ତୈଳଦର ବୃଦ୍ଧି ପରେ ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୬ ଟଙ୍କା ୬୮ ପଇସା ହୋଇଥିବାବେଳେ ଡିଜେଲ ମୂଲ୍ୟ ୯୩ଟଙ୍କା ୧୪ ପଇସାକୁ ବୃଦ୍ଧି ପାଇଛି । କୋଲକାତାରେ ପେଟ୍ରୋଲ ମୂଲ୍ର ୧୦୮ ଟଙ୍କା ୭୪ ଓ ଡିଜେଲ ମୂଲ୍ୟ ୯୫ଟଙ୍କା ୧୩ ପଇସାକୁ ବୃଦ୍ଧି ପାଇଥିବାବେଳେ ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୩ଟଙ୍କା ୭୭ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୯୫ଟଙ୍କା ୩୫ ପଇସାକୁ ବୃଦ୍ଧି ପାଇଛି ।

ସିଏନ୍‌ଜି ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି । ୧ କିଲୋଗ୍ରାମ ସିଏନ୍‌ଜି ମୂଲ୍ୟ ୨ଟଙ୍କା ବୃଦ୍ଧି ପାଇବାପରେ ଦିଲ୍ଲୀରେ ଏହାର ମୂଲ୍ୟ ଅଣାଅଶୀ ଟଙ୍କା ୯ ପଇସା, ଗାଜିଆବାଦରେ ୮୭ଟଙ୍କା ୭୦ ପଇସା ଏବଂ ଗୁରୁଗ୍ରାମରେ ୮୪ଟଙ୍କା ୧୨ ପଇସା ହୋଇଛି ।

# ଟ୍ରମ୍ପ-ଚାଇନା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଚୀନ୍ ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଶେଷ ହୋଇଛି । ଉଭୟପକ୍ଷ ଆମେରିକା-ଚୀନ୍ ସମ୍ପର୍କରେ ସ୍ଥିରତା କ୍ଷେତ୍ରରେ ସୁଧାର ଆସିଥିବା କହିଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଉଭୟ ଆମେରିକା ଓ ଚୀନ୍' ଇରାନ୍‌କୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତିର ଶୀଘ୍ର ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ଟ୍ରମ୍ପ ଏବଂ ଶ୍ରୀ ଜିନ୍‌ପିଙ୍ଗ ଇରାନ୍‌କୁ ଆଣବିକ କ୍ଷେପଣାସ୍ତ୍ର ସମ୍ପନ୍ନ ନ କରାଇଦେବା ନେଇ ଏକମତ ପୋଷଣ କରିଛନ୍ତି । ଶ୍ରୀ ଟ୍ରମ୍ପ କହିଛନ୍ତି ଉଭୟଦେଶ ବାଣିଜ୍ୟିକ ଚୁକ୍ତିରେ ମଧ୍ୟ ସଫଳତାଲାଭ କରିଛନ୍ତି । ଅନ୍ୟପକ୍ଷରେ ଆମେରିକା ସହ ଅନେକ ନୂତନ ବୁଝାମଣା ଚୂଡାନ୍ତ ହୋଇଥିବା ଚୀନ୍ ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଜି ସନ୍ଧ୍ୟା ୭ଟା ୩୦ମିନିଟ୍‌ରେ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୬ ଓ୍ୱିକେଟରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଥିଲା । ପଏଣ୍ଟ ତାଲିକାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଥିବାବେଳେ ସମାନ ପଏଣ୍ଟ ସହ ଗୁଜୁରାଟ ଟାଇଟନ୍ସ ଦ୍ୱିତୀୟ ଏବଂ ୧୪ ପଏଣ୍ଟ ସହ ସନ୍ ରାଇଜର୍ସ ହାଇଦ୍ରାବାଦ ତୃତୀୟ ସ୍ଥାନରେ ରହିଛି ।

## ଇଟାଲିଆନ୍ ଓପନ୍

ଇଟାଲିଆନ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଏଲିନା ଶ୍ୱେଟୋଲିନା ପୋଲାଣ୍ଡର ଇଗା ସ୍ୱିୟାଟେକଙ୍କୁ ୬-୨, ୪-୬, ୬-୨ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ସେ ଫାଇନାଲରେ କୋକୋଗଫ୍‌ଙ୍କ ସହ ମୁକାବିଲା କରିବେ ।